# ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୨୧(୧)

## ନୋଟିସ

(See rule ୨୧(I) of RFCTLAR & R Act, 2013)

ଯେଉଁ ଜମି ନେବାକୁ ହେବ, ତାହି ନିମିତ୍ତ ୨୦୧୩ ସାଲର ୧ ପ୍ରକରଣମାନଙ୍କର ଅନୁସାରେ ଯେଉଁ ସାଧାରଣ ନୋଟିସ ପ୍ରକାଶିତ ହେବ, ତହିଁର ପାଠ ।

ଏତଦ୍ୱାରା ଏହି ସମ୍ବାଦ ଦିଆଯାଉଅଛି ଯେ ସନ ୨୦୨୧ ସାଲ ନଭେମ୍ବର ମାସ ୨୬ ତାରିଖର ଗଭର୍ଣ୍ଣମେଣ୍ଟ ଗେଜେଟରେ ପ୍ରକାଶିତ ସନ ୨୦୨୧ ସାଲ ନଭେମ୍ବର ମାସ ୨୬.୧୧.୨୦୨୧ ତାରିଖର ୧୯୭୬ ନମ୍ବର ଘୋଷଣାପତ୍ର କ୍ରମେ ୨୦୧୩ ସାଲର ୧ ଆଇନ ଅନୁସାରେ ଯାଜପୁର ଜିଲ୍ଲାରେ ମାନସାପୋଲ ଠାରୁ ବିରଜା ମହିଳା ମହାବିଦ୍ୟାଳୟ ଛକ ଓ ଜିଲ୍ଲା ମୁଖ୍ୟ ଚିକିସାଳୟ ଠାରୁ କିଲ୍ଲାଘାଟ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ ପ୍ରକଳ୍ପ ନିମିତ୍ତ ୟୁନିଟ-୩ ରାଉତରାପୁର ଗ୍ରାମରେ ବା ତନ୍ନିକଟରେ ସ୍ଥିତ ନ୍ୟୁନାଧିକ ୦.୫୩୦ ଏକର ପରିମିତ ଯେଉଁ ଜମି ୨୦ ଧାରା ମୁତାବକ ଯହିଁରେ ହାଲ ଚିହ୍ନ ଦିଆଯାଇ ମାପ କରାଯାଇଅଛି, ସେହି ଜମି ଗଭର୍ଣ୍ଣମେଣ୍ଟଙ୍କ କତ୍ତୃତ୍ୱକୁ ନିଆଯିବାର ସମ୍ଭାବନା ଅଛି। ସେହି ଜମିରେ ଯେଉଁ ସମସ୍ତ ବ୍ୟକ୍ତିଙ୍କର ସ୍ୱାର୍ଥ ଅଛି, ସେମାନଙ୍କ ପ୍ରତି ଏତଦ୍ୱାରା ଏହି ଆଦେଶ ଦେଉଅଛୁ ଯେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ସଂଖ୍ୟା ୩୯ ସ୍ଥାନସ୍ଥିତ ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁରଙ୍କ କଚେରୀରେ ତା.୧୩/୦୧/୨୦୨୨ ସମୟ ୧୧:୩୦ ଘଣ୍ଟା ଘଟିକା ସମୟରେ ସେମାନେ ସ୍ୱୟଂ କିମ୍ବା ସେମାନଙ୍କର ଏଜେଣ୍ଟଙ୍କ ଦ୍ୱାରା ଉପସ୍ଥିତ ହୋଇ ସେହି ଜମିରେ ଆପଣା ଆପଣାର ସ୍ୱାର୍ଥର ପ୍ରକୃତି ଓ ସେହି ସ୍ୱାର୍ଥ ନିମିତ୍ତ ସେମାନେ କ୍ଷତିପୂରଣର ଯେତେ ଟଙ୍କା ଦାବୀ କରନ୍ତି ତାହା ଓ ସେହି ଦାବୀର ବିଶେଷ ବିବରଣୀ ଏବଂ ୨୦ ଧାରା ଅନୁସାରେ କୃତ ମାପ ସମ୍ବନ୍ଧରେ ସେମାନଙ୍କର କୌଣସି ଆପତ୍ତି ଥିଲେ ତାହା ଜଣାଇବେ ।

ଜିଲ୍ଲାପାଳ

Land Acquisition Officer(Civi
Collectorate,Jajpur